## ସଂକ୍ଷେପରେ

### ନିଆଁରେ ପୋଡ଼ି ଛାତ୍ରୀ ଗୁରୁତର

ସୋର, ୧୩।୧୨(ଡି.ଏନ.ଏ.)-ସୋର ଥାନା ଅଧୀନ ନଦିଗାଁ ପଞ୍ଚାୟତ ସାରୁପଦା ଗ୍ରାମର ଜଣେ ଯୁକ୍ତ୨ ୨ୟ ବର୍ଷର ଛାତ୍ରୀ ଶୁକ୍ରବାର ଘରେ ରୋଷେଇ କରୁଥିବା ବେଳେ ଗ୍ୟାସ୍ ଚୁଲା ନିଆଁରେ ପୋଡି ହୋଇ ଗୁରୁତର ହୋଇଛନ୍ତି। ଏହି ଗ୍ରାମର ଈଶ୍ୱର ମହାନ୍ତିଙ୍କ ଝିଅ ପ୍ରଜ୍ଞା (୧୭) ରୋଷେଇ କରୁଥିବା ବେଳେ ଅସାବଧାନତାବଶତଃ ପିନ୍ଧା ଡ୍ରେସରେ ନିଆଁ ଲାଗିଯାଇଥିଲା। ଏଥିରେ ଗୁରୁତର ଭାବେ ସେ ପୋଡି ହୋଇ ଯାଇଥିଲେ। ପ୍ରଜ୍ଞାଙ୍କୁ ପରିବାର ଲୋକେ ସୋର ଡାକ୍ତରଖାନାକୁ ଆଣିବା ପରେ କଟକ ସ୍ଥାନାନ୍ତର କରାଯାଇଛି।

### ଛାତ୍ର ନିଖୋଜ ଅଭିଯୋଗ

ସୋର, ୧୩।୧୨(ଡି.ଏନ୍.ଏ.)-ସୋର ଥାନା ଅଧୀନ କୁଚିଆକୋଇଲି ଗ୍ରାମର ଆଶିଷ ମଲ୍ଲିକ ନାମକ ଜଣେ ୮ମ ଶ୍ରେଣୀ ଛାତ୍ର ଘରୁ ନିଖୋଜ ହେବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସେ ସ୍ଥାନୀୟ ହାଇସ୍କୁଲରେ ୮ମ ଶ୍ରେଣୀରେ ପାଠ ପଢୁଥିଲେ। ଗତ ୧୧ ତାରିଖରେ ଘରୁ ସ୍କୁଲ ଯିବାକୁ କହି ବାହାରିଥିଲେ। ହେଲେ ସ୍କୁଲ ଯାଇ ନ ଥିବା ଜଣାପଡିବା ପରେ ପରିବାର ପକ୍ଷରୁ ବହୁ ଖୋଜାଖୋଜି କରାଯାଇଥିଲା। ପରେ ଆଶିଷଙ୍କ ମା' କବିତା ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଆଶିଷ ଘରୁ ୫ଶହ ଟଙ୍କା ଓ ଏକ ମୋବାଇଲ ନେଇଥିବା ପରିବାର ଲୋକେ କହିଛନ୍ତି।

### ମୋବାଇଲ ଦୋକାନୀଙ୍କୁ ଆକ୍ରମଣ

ରୂପ୍‌ସା, ୧୩।୧୨(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅନ୍ତର୍ଗତ ଷ୍ଟେଶନବଜାର ମୋବାଇଲ ଦୋକାନୀ ଜିତେନ୍ଦ୍ର ପରିଡ଼ାଙ୍କୁ ଗୁରୁବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଶୁକ୍ରବାର ପୋଲିସ ଏକ ମାମଲା (ନଂ. ୯୫/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଡ଼ାଡ଼ିହା ଗ୍ରାମର ଦୀପକ ଜେନା ଓ ରୂପ୍‌ସା ସାମିଲ ହସନପୁରର ରାକେଶ ଗିରି ଦୁହେଁ ଜିତେନ୍ଦ୍ରଙ୍କ ମୋବାଇଲ ଦୋକାନକୁ ଯାଇଥିଲେ। ମୋବାଇଲରେ ଭାଉଚର ପକାଇବାକୁ କହିବାରୁ ଜିତେନ୍ଦ୍ର ରିଚାର୍ଜ କରିଥିଲେ। ନିଶାଗ୍ରସ୍ତ ଦୁଇ ଯୁବକଙ୍କ କଥାବାର୍ତ୍ତାକୁ ଦୋକାନ ଭିତରେ ଜିତେନ୍ଦ୍ରଙ୍କ ଭାଇ ବିରୋଧ କରିଥିଲେ। ଏହାପରେ ଉତ୍ତ୍ୟକ୍ତ ହୋଇ ଦୀପକ ଓ ରାକେଶ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଦୋକାନ ସମ୍ମୁଖରେ ପଥର କଚାଡ଼ି ଥିଲେ। ପରେ ସେମାନେ ଲୁହା ମୁଥିରେ ଜିତେନ୍ଦ୍ରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### ୩ ବଖରା ଜଳିଗଲା

ଖଇରା,୧୩।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବରଗଡି ଗ୍ରାମର ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ରତ୍ନାକର ମଲ୍ଲିକଙ୍କ ୩ ବଖରା ଘର ଭସ୍ମୀଭୂତ ହୋଇ ଯାଇଛି। ମଲ୍ଲିକଙ୍କର ଧାନ ଚାଉଳ ସମେତ ମୋଟ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ସୋର ଓ ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।



ଶୁକ୍ରବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଉଦ୍‌ଘାଟନ ଅବସରରେ ବାଲେଶ୍ୱର ରେଳଷ୍ଟେଶନରେ ଆୟୋଜିତ ପାରମ୍ପରିକ ନୃତ୍ୟଗୀତ।



ତୀର୍ଥଯାତ୍ରୀଙ୍କ ପାଇଁ ନିଆଯାଉଥିବା ବିଭିନ୍ନ ସାମଗ୍ରୀ।

# ଅବାଧରେ ଚାଲିଛି ମୋରମ ଚାଲାଣ

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ରୂପ୍‌ସା, ୧୩।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ୬୦ନଂ. ଜାତୀୟ ରାଜପଥ ଦେଇ ନିୟମିତ ବେଆଇନ ମୋରମ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ପୋଲିସ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ଏହାକୁ ରୋକିବା ଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ବିଭିନ୍ନ ସଂଗଠନ ଓ ଯୁବକ ସଂଘ ତରଫରୁ ଚେତାବନୀ ଦିଆଯାଇଛି।

ଉଲ୍ଲେଖନୀୟ ଯେ, ମୟୂରଭଞ୍ଜ ଜିଲାର କେତେକ ଅଞ୍ଚଳରୁ ଦୈନିକ ରାତିରେ ମୋରମ ବୋଝେଇ ଗାଡି ରୂପ୍‌ସା ରାସ୍ତା ଦେଇ ୬୦ନଂ. ଜାତୀୟ ରାଜପଥକୁ ଚଳାଚଳ କରୁଛି। ଭାରିଯାନ ଚଳାଚଳ ଯୋଗୁ ବୈଶିଙ୍ଗା-ରୂପ୍‌ସା ରାସ୍ତା ଓ ରୂପ୍‌ସା-ବସ୍ତ୍ତାଣ୍ଡ ରାସ୍ତା ନଷ୍ଟ ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଅପରପକ୍ଷେ ରାଜସ୍ୱ ବିଭାଗ ଓ ପୋଲିସ ପକ୍ଷରୁ ମୋରମ ବେପାରୀଙ୍କୁ ସୁଯୋଗ ଦିଆଯାଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପୂର୍ବରୁ ବସ୍ତା ତହସିଲ ଅନ୍ତର୍ଗତ ଗଡ଼ପଦା ପଞ୍ଚାୟତର ଲଛମନଖୁଣ୍ଟା ମୌଜା ଅଞ୍ଚଳରୁ ଅବାଧରେ ବର୍ଷକୁ ପ୍ରାୟ କୋଟିଏ ଟଙ୍କାର ମୋରମ୍ ଲୁଟ୍ ହେଉଥିଲା। ପଞ୍ଚାୟତ ତରଫରୁ ଦଳମତ ନିର୍ବିଶେଷରେ ସମସ୍ତ ଜନପ୍ରତିନିଧି ଏହାକୁ ବିରୋଧ କରିବା ପରେ ପ୍ରଶାସନ ବାଧ୍ୟ ହୋଇ ସେଠାରେ ୧୪୪ ଧାରା ଜାରି କରିବା ସହ ମୋରମ ଚାଲାଣକୁ ବନ୍ଦ କରିଛି। ହେଲେ ମୋରମ ବ୍ୟବସାୟୀମାନେ ଏବେ ମୟୂରଭଞ୍ଜ ଅଞ୍ଚଳରୁ ମେଶିନ ଯୋଗେ ମୋରମ ଖୋଳି ବାଲେଶ୍ୱର, ମୟୂରଭଞ୍ଜ ଜିଲା ସମେତ ପଡୋଶୀ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିବା ଦେଖାଯାଉଛି। ପ୍ରଶାସନ ସବୁ ଜାଣିଶୁଣି ନୀରବ ରହିବା ନେଇ ସାଧାରଣରେ ନାନା ସନ୍ଦେହ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସଦର ତହସିଲ୍‌ଦାର ପଞ୍ଚାନନ ପାତ୍ରଙ୍କୁ ପଚରାଯିବାରୁ ବେଆଇନ ମୋରମ ଚାଲାଣ ରୋକିବା ଦିଗରେ ବିଭାଗ ତରଫରୁ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବନ ବିଭାଗ ପକ୍ଷରୁ ଚଢ଼ାଉ

## ବାର୍‌ହା ମାଂସ ଜବତ



ଜବତ ହୋଇଥିବା ବାର୍‌ହା ମାଂସ ଓ ମାରଣାସ୍ତ୍ର ।

ସୋର, ୧୩।୧୨(ଡି.ଏନ.ଏ.)

ସୋର ଥାନା ଅଧୀନ ଔପଦା ରେଞ୍ଜ ଖୁଣ୍ଟାପାଟଣା ବିଟ୍ ବାଘଆମ୍ବୁଡା ଜଙ୍ଗଲରେ ଶୁକ୍ରବାର ପୂର୍ବାହ୍ନରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ବାର୍‌ହା ମାଂସ ସହ ଅସ୍ତ୍ର ଜବତ କରାଯାଇଛି। ହେଲେ ଶିକାରୀ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି।

ଏବେ ବନ୍ୟଜନ୍ତୁ ପାହାଡତଳି ଅଞ୍ଚଳକୁ ପାଚିଲା ଧାନ ଖାଇବାକୁ ଆସୁଥିବା ସୁଯୋଗରେ ସ୍ଥାନୀୟ ଶିକାରୀ ବନ୍ଧୁକ ଓ ଧନୁ ତୀରରେ ଶିକାର କରୁଛନ୍ତି। ଏହାକୁ ନଜରରେ ରଖି ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯାଉଛି। ଫରେଷ୍ଟ ଗାର୍ଡ ମଞ୍ଜୁଲତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସବୁଜ ବାହିନୀ ଚଢ଼ାଉ କରିଥିଲେ। ଚଢାଉ ବେଳେ ୧୫ କେଜି ବାର୍‌ହା ମାଂସ ଜବତ କରାଯାଇଛି। ବନ ବିଭାଗ ଓ ସବୁଜ ବାହିନୀ କର୍ମଚାରୀଙ୍କୁ ଦେଖି ଶିକାରୀ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ମାଂସ ସହ ଶିକାରରେ ବ୍ୟବହାର ହୋଇଥିବା ଧନୁତୀର ଜବତ କରାଯାଇଛି। ରେଞ୍ଜର ବବିତା ସରେନ୍, ରେଞ୍ଜର ସୁରମା ମଞ୍ଜରୀ ଦାସ ଏହି ଘଟଣାର ତଦନ୍ତ କରୁଛନ୍ତି।

# ଗାଁରୁ ଉଜ୍ଜୀବିତ ହୁଏ କଳା, ସଂସ୍କୃତି



ମହିଳାମାନେ ଝୋଟି ଆଙ୍କୁଛନ୍ତି।

ରୂପ୍‌ସା, ୧୩।୧୨(ଡି.ଏନ.ଏ.)

**ସରିଲା ଉତ୍କଳୀୟ ଝୋଟି ଦିବସ**

ରୁଚିପୂର୍ଣ୍ଣ ଓ ଶିକ୍ଷଣୀୟ ପରମ୍ପରା ସବୁବେଳେ ମହାନ୍। ସଂସ୍କୃତି ବଞ୍ଚିଲେ ସଭ୍ୟତା ବଞ୍ଚିରହେ। ବାସ୍ତବରେ ଗାଁରୁ ହିଁ କଳା, ସଂସ୍କୃତି ଉଜ୍ଜୀବିତ ହୋଇଥାଏ ବୋଲି ଉତ୍କଳୀୟ ଝୋଟି ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳୀୟ ଝୋଟି ପ୍ରତିଷ୍ଠାନର ଅଧ୍ୟକ୍ଷା ସୁବାସିନୀ ଜେନା ଓ ମୁଖ୍ୟବକ୍ତା ଭାବେ ଆବାହକ ଶିଳ୍ପୀ କେଶୁ ଦାସ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ ଛାନୁଆ ହାଟପଦାରେ ମାର୍ଗଶିର ଶେଷ ଗୁରୁବାର ଅବସରରେ ୪ର୍ଥ ଝୋଟି ଦିବସ ପାଳିତ ହୋଇଯାଇଛି। ମହିଳାଙ୍କ ମଧ୍ୟରେ ଝୋଟି, ମୁରୁଜ, ଶଙ୍ଖଫୁଙ୍କା ଓ ଲକ୍ଷ୍ମୀପୁରାଣ ପାଠ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଛାନୁଆ ଝୋଟି ପ୍ରତିଷ୍ଠାନ କମିଟି ଓ ଡାକ ଅଫିସର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଯୁବ ଚିତ୍ରଶିଳ୍ପୀ ଦେବାଶିଷ ପତି, ସୟ ପାତ୍ର ଓ କଳାକାର ଜଗଦୀଶ୍ୱର ଜେନା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। କମିଟି ସଭାପତି ଦେବେନ୍ଦ୍ର ନାଥ ଜେନାଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରତ୍ନାକର ବେହେରା, ତ୍ରିଲୋଚନ ବେହେରା, ଗଙ୍ଗାଧର ପାତ୍ର, ପ୍ରଭାକର ପରିଡା ଓ ଦେବାଶିଷ ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ଉତ୍କଳୀୟ କଳା ସଂସ୍କୃତି ବଜାୟ ରଖିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। କଳାକାର ଜଗଦୀଶ୍ୱର ଜେନା ସ୍ୱାଗତ ଭାଷଣ ଦେଇଥିଲେ। କର୍ମକର୍ତ୍ତା ସୁକୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ସଦସ୍ୟ ଭବେନ୍ଦ୍ର ମଳିକ, ଦେବାଶିଷ ପରିଡା ଓ ବସନ୍ତ କୁମାର ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଲେଜରେ ହ୍ୟୁମାନିଟି ବ୍ଲକ ଉଦ୍‌ଘାଟିତ

ବାହାନଗା, ୧୩।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟ ପରିସରରେ ନିର୍ମାଣ ହୋଇଥିବା ହ୍ୟୁମାନିଟି ବ୍ଲକ (ମାନବବାଦୀ ଗୃହ)କୁ ସୋର ବିଧାୟକ ପର୍ଶୁରାମ ଧଡା ଉଦ୍‌ଘାଟନ କରିଛନ୍ତି। ଏହି ଗୃହ ନିର୍ମାଣ ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ତରଫରୁ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କଲେଜ ଅଧ୍ୟକ୍ଷ ନରେଶ କୁମାର ପାଢୀ କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଜେନେରାଲ ବଡିର ସଦସ୍ୟମାନେ ଯୋଗ ଦେଇଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଔଷଧୀୟ ଚାରାରୋପଣ ଓ ନୂତନ ଫୁଲ ଉଦ୍ୟାନ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବେଣୁଧର ଜେନା, ମଲ୍ଲିକ ନସିମଉଦ୍ଦିନ ଅହମ୍ମଦ, ସବିତା ଅଗସ୍ତି ଓ ଅଶ୍ୱିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପର୍ଯ୍ୟଟନ କ୍ଷେତ୍ର ସ୍ୱାଗତ ତୋରଣ ଉନ୍ମୋଚିତ

ଖଇରା,୧୩।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲାର ୧୯୯୯ ମସିହାରୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଥିବା କୁପାରୀର ସ୍ୱାଗତ ତୋରଣକୁ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉନ୍ମୋଚିତ କରିଛନ୍ତି । ଏଥିସହ କୁପାରୀ ପଞ୍ଚାୟତ କଂକ୍ରିଟ ଧାନଖଳା ଓ ଚୁନକଟୀ ମହିଳା ସମିତି ଗୃହକୁ ଉଦ୍‌ଘାଟନ କରିବା ଅବସରରେ କୁପାରୀ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି କହିଛନ୍ତି । ମନ୍ତ୍ରୀଙ୍କ ସହ ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ, ସମିତିସଭ୍ୟା ସୁନୀତା ସାହୁ, ଜିଲାପରିଷଦ ସଭ୍ୟା କଳ୍ପନା ନାଇକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆନ୍ଦୋଳନରୁ ଓହରିଲା ଚାଉଳ ବ୍ୟବସାୟୀ ସଂଘ

ଭୋଗରାଇ,୧୩।୧୨(ଡି.ଏନ.ଏ.)-

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମ୍ମୁଖରେ ଶୁକ୍ରବାର ଚନ୍ଦନେଶ୍ୱର ମା' ଲକ୍ଷ୍ମୀ ଚାଉଳ ବ୍ୟବସାୟୀ ସଂଘ ପକ୍ଷରୁ କରାଯାଇଥିବା ଆମରଣ ଅନଶନକୁ ପ୍ରତ୍ୟାହାର କରି ନିଆଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ଚାଉଳ ବ୍ୟବସାୟୀ ସଂଘର ଆନ୍ଦୋଳନ ଚାପରେ ପ୍ରଶାସନ ଆନ୍ଦୋଳନକାରୀଙ୍କ ଦାବି ମାନି ନେଇଛି। ଚାଉଳ ବ୍ୟବସାୟୀ ସଂଘର ସଭାପତି ଦିଲୀପ କୁମାର କାମିଲା, ସମ୍ପାଦକ ଯାଜବେନ୍ଦ୍ର ସାହୁ, ସଦସ୍ୟ ଦିବାକର ପ୍ରଧାନ, ନିତ୍ୟଗୋପାଳ ସାହୁ, ବ୍ରଜଗୋପାଳ ଦାସ, ମଧୁସୂଦନ ଦାସ ଓ ଅନନ୍ତ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ବହୁ ଚାଉଳ ବ୍ୟବସାୟୀ ଅନଶନ କରିବାରୁ ଭୋଗରାଇ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ ଦୁଇ ଚାଉଳ ବ୍ୟବସାୟୀଙ୍କ ମଧ୍ୟରୁ ଦିବାକର ପ୍ରଧାନଙ୍କ ନୂତନ ଗୃହ ଯୋଗାଇ ଦେବା ସହ ଅନ୍ୟ ଜଣେ ଚାଉଳ ବ୍ୟବସାୟୀ ନିତ୍ୟ ଗୋପାଳ ସାହୁଙ୍କୁ ଅବିଳମ୍ବେ ନୂତନ ଗୃହ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଭୋଗରାଇର ଅନ୍ୟତମ ପ୍ରମୁଖ ଦୈନିକ ଚନ୍ଦନେଶ୍ୱର ମାର୍କେଟରେ ନବୀକରଣ ଓ ନୂତନଗୃହ ନିର୍ମାଣାର୍ଥେ ପ୍ରଶାସନ ଓ ପଞ୍ଚାୟତ ସହଯୋଗିତାରେ ଚାଉଳ ବ୍ୟବସାୟୀଙ୍କ ପୁରୁଣା ଦୋକାନ ଗୃହକୁ ଉଚ୍ଛେଦ କରାଯାଇଥିଲା। ନୂତନଗୃହ ନିର୍ମାଣ ପରେ ଏହି ଦୁଇ ଚାଉଳ ବ୍ୟବସାୟୀ ନୂତନ ଗୃହ ପାଇବାରେ ବଞ୍ଚିତ ହେବାରୁ ବ୍ୟବସାୟୀ ସଂଘ ପକ୍ଷରୁ ବିରୋଧ କରାଯିବା ସହିତ ହାଇକୋର୍ଟରେ ପିଟିସନ କରାଯାଇଥିଲା ଓ ଆନ୍ଦୋଳନ କରାଯାଇଥିଲା।

# ପଲିଥିନ୍ ତଳେ ତିନି ଭାଇଭଉଣୀ

ସଜନାଗଡ଼, ୧୩।୧୨(ଡି.ଏନ.ଏ.)



ପଦ୍ମଲୋଚନ ଓ ତାଙ୍କ ଦୁଇ ଭଉଣୀ।

ଆଦିବାସୀଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ତୃଣମୂଳସ୍ତରରେ ଏହାର ସଫଳ ରୂପାୟନ ହୋଇପାରୁ ନ ଥିବା ନଜରକୁ ଆସିଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତ ବେଡ଼ାସାହି ଗ୍ରାମର ୬ନଂ. ୱାର୍ଡ଼ରେ।

ଜାମୁଡ଼ିହା ଗ୍ରାମର ଗୋଚର ଜମିରେ ବହୁ ବର୍ଷ ଧରି ୬୯ଟି ପରିବାର ବାସ କରିଆସୁଥିଲେ। ଜଣେ ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ୨୦୧୬ ଅଗଷ୍ଟ ୧୬ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତତ୍କାଳୀନ ତହସିଲଦାର ନୋଟିସ୍ କରି ସମସ୍ତ ପରିବାରକୁ ୨୦୧୮ ଫେବୃୟାରୀରେ ଉଚ୍ଛେଦ କରିଥିଲେ। ସେହିଦିନଠାରୁ କେତେକ ପରିବାର ମୁକ୍ତ ଆକାଶ ତଳେ ରହୁଥିବା ବେଳେ ପରବର୍ତ୍ତୀ ସମୟରେ ବିକଳ୍ପ କରି ଥଇଥାନ ହୋଇଯାଇଛନ୍ତି। ହେଲେ ମା'ବାପାଙ୍କ ମୃତ୍ୟୁ ପରେ ପଦ୍ମଲୋଚନ ଓ ତାଙ୍କର ଦୁଇ ଭଉଣୀ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ହେବ ଗଛମୂଳରେ ପଲିଥିନ୍ ଟାଣି ରହିଆସୁଛନ୍ତି। ପଦ୍ମଲୋଚନଙ୍କ ଜଣେ ଭଉଣୀ ଦିବ୍ୟାଙ୍ଗ। ସରକାରଙ୍କ ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳୁଛି, ହେଲେ ଫଳ ଶୂନ। ଭାଗ୍ୟକୁ ଆଦରି ପଦ୍ମଲୋଚନ ଅନ୍ୟ ଘରେ କାମ କରି ଦୁଇଭଉଣୀଙ୍କୁ ଆହାର ଯୋଗାଇ ଚାଲିଛନ୍ତି। ଅର୍ଥ ଅଭାବରୁ ସାନଭଉଣୀ ୧୦ମ ଶ୍ରେଣୀରୁ ପାଠପଢାରେ ଡୋରି ବାନ୍ଧିଛନ୍ତି। ତାଙ୍କର ନିଜସ୍ୱ ଜମି ନ ଥିବାରୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇପାରୁନାହିଁ। ସରକାରଙ୍କ ପକ୍ଷରୁ ମିଳୁଥିବା ୩୫କେଜି ଚାଉଳ ଓ କିରୋସିନି ହିଁ ଏକମାତ୍ର ସାହାରା।

ଏ ସମ୍ପର୍କରେ ନୀଳଗିରି ବିଡ଼ିଓ ରାମଦାସ ଟୁଡୁଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଏ ସମ୍ପର୍କରେ ଭିଏଲ୍‌ଡବ୍ଲ୍ୟୁଙ୍କଠାରୁ ଖବର ପାଇଛନ୍ତି। ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ହେବ ସେମାନେ ପଲିଥିନ ତଳେ ରହୁଛନ୍ତି। ଏ ବିଷୟରେ ତହସିଲଦାରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ବସୁଧା ଯୋଜନାରେ ଘର ଯୋଗାଣ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ

ଜଳେଶ୍ୱର, ୧୩।୧୨(ସ୍ୱ.ପ୍ର.)

ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଳିନ୍ଦା ଗାଁରେ ୬୦ଜଣ ଭୂମିହୀନ ଆଦିବାସୀଙ୍କୁ ଗୃହ ଯୋଗାଇଦେବା ନିମନ୍ତେ ପ୍ରସ୍ତୁତ ହୋଇଥିବା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ମହମ୍ମଦନଗରପାଟଣା ଓ ରାଜପୁର ପଞ୍ଚାୟତର ୬୦ଜଣ ଆଦିବାସୀଙ୍କୁ ଥଇଥାନ କରାଯିବାର ସିଦ୍ଧାନ୍ତ କରାଯାଇଛି।

ଓଳିନ୍ଦା ଗାଁର ୬୬୨୭ ଖାତାରେ ବସୁଧା ଯୋଜନା କାର୍ଯ୍ୟାରମ୍ଭ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜଳେଶ୍ୱର ବିଡ଼ିଓ ନିତ୍ୟାନନ୍ଦ ସାହୁ ଅଧ୍ୟକ୍ଷତା କରି ଏହି ପ୍ରକଳ୍ପ ଦ୍ୱାରା ଭୂମିହୀନ ଓ ଆଦିବାସୀଙ୍କୁ ୨ ଡିସିମିଲ ଲେଖାଏଁ ଜମିର ପଟ୍ଟା ଯୋଗାଇ ଏକ ନୂତନ ବସ୍ତି ସ୍ଥାପନ କରାଯିବ । ୩୦କଡ଼ିର ଏକ ରାସ୍ତା ଉଭୟପଟେ ଗୃହ ନିର୍ମାଣ କରାଯାଇ ଜଳ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ହେବା ସମ୍ପର୍କରେ ସେ କହିଥିଲେ। ଗୃହ ସହିତ ବଗିଚା ଆଦି କରାଯାଇ ଏକ ଆଦର୍ଶ ବସ୍ତିରେ ପରିଣତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ସବୁତାରାଣୀ ଦଳାଇ, ରାଜପୁର ସରପଞ୍ଚ ଦିଲୀପ ପରିଡ଼ା, ମହମ୍ମନଗର ପାଟଣା ସରପଞ୍ଚ ଦମୟନ୍ତୀ ମହାନ୍ତି, ସମିତିସଦସ୍ୟ ମଧୁସୂଦନ ଦାସ, ଓଳିନ୍ଦା ଗ୍ରାମ୍ୟ ମୁଖ୍ୟ ବ୍ରଜବଲ୍ଲଭ ସାହୁ, ଉପସଭାପତି ମୁରଲୀଧର ଜେନା, ତ୍ରିଲୋଚନ ଦାସ, ସମ୍ପାଦକ ଉତ୍ତମ କୁମାର ପାତ୍ର, ରାଧାଶ୍ୟାମ ସାହୁ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ମନୋଜ କୁମାର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।



ବସୁଧା ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

# ଦେହ ବ୍ୟବସାୟ ଭିଡିଓ ଭାଇରାଲ ହେବା ନେଇ ଚର୍ଚ୍ଚା

ଜଳେଶ୍ୱର,୧୩।୧୨(ଡି.ଏନ.ଏ.)-

ଉତ୍ତରବାଲେଶ୍ୱରର ଜଳେଶ୍ୱର ଓ ଭୋଗରାଇର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ବଢ଼ି ଚାଲିଛି। ବ୍ରାଉନ୍‌ସୁଗାର, ମଦ, ଗଞ୍ଜେଇ ଭଳି ନିଶାଦ୍ରବ୍ୟ କାରବାର ସାଙ୍ଗକୁ ବିଭିନ୍ନ ହୋଟେଲରେ ଚାଲିଛି ଖୁଲମଖୁଲା ଦେହ ବ୍ୟବସାୟ। ଏଭଳି ଦେହ ବ୍ୟବସାୟ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଘଟଣା ଚର୍ଚ୍ଚାକୁ ଆସିଛି।

ଭୋଗରାଇ ବ୍ଲକର ଉଦୟପୁର ବେଳାଭୂମି ଅଞ୍ଚଳରେ ସମ୍ପ୍ରତି ପଶ୍ଚିମବଙ୍ଗର ୨ଜଣ, ଜଳେଶ୍ୱର ଷ୍ଟେସନବଜାର ଏକ ହୋଟେଲରୁ ୩ଜଣ ଦେହ ବ୍ୟବସାୟୀ ଧରାପଡ଼ିଥିଲେ। ସେତେବେଳେ ପୋଲିସର ଜାଣତରେ ଏଭଳି କାରବାର ହେଉଥିବା ଅଭିଯୋଗ ହୋଇଥିଲା। ଏବେ ଗଣମାଧ୍ୟମ ପକ୍ଷରୁ ଭୋଗରାଇର ତାଳସାରୀ ମେରାଇନ ଥାନା ଅଫିସରଙ୍କୁ ଦେହବ୍ୟବସାୟ ସମ୍ପର୍କରେ ସୂଚନା ଦିଆଯିବାରୁ ପୋଲିସ ସେହି ହୋଟେଲକୁ ଯାଇ କିଛି ନ ପାଇ ଫେରି ଆସିଥିଲେ। ଏହି ପରିପ୍ରେକ୍ଷୀରେ ଜଣେ ଗ୍ରାହକଙ୍କ ସହ ହୋଟେଲ କର୍ତ୍ତୃପକ୍ଷଙ୍କ ମୂଲଚାଲର ଭିଡିଓ ପ୍ରକାଶ ପାଇଥିଲା। ପଡୋଶୀ ପଶ୍ଚିମବଙ୍ଗରୁ ଯୁବତୀମାନଙ୍କୁ ଅଣାଯାଇ ଏଠାରେ ଦେହବ୍ୟବସାୟରେ ଲଗାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ତାଳସାରୀ ସମୁଦ୍ର ବେଳାଭୂମିରେ ଚାଲିଥିବା ଦେହ ବ୍ୟବସାୟ ସହିତ ଜଳେଶ୍ୱର ସହରର କେତେକ ହୋଟେଲ ମଧ୍ୟ ଜଡ଼ିତ ଥିବା କୁହାଯାଉଛି। ଏ ଦିଗରେ ଜିଲା ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେଲେ ପ୍ରତିକାର ହୋଇପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳେଶ୍ୱର ଏସ୍‌ଡ଼ିପିଓ ଅଙ୍କିତା କୁମାରଙ୍କ ସୂଚନାନୁସାରେ ଶୁକ୍ରବାର ଅପରାହ୍ନରେ ତାଳସାରୀ ବେଳାଭୂମି ନିକଟସ୍ଥ ସମସ୍ତ ହୋଟେଲ ସହ ଜଳେଶ୍ୱରର ଡାଇମଣ୍ଡ ହୋଟେଲ ଉପରେ ଚଢ଼ାଉ କରାଯାଇ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# କର୍ମୀଙ୍କ କଥା ଶୁଣିବାକୁ ବେଳ ନାହିଁ

ବାରିପଦା ଅଫିସ,୧୩।୧୨

ମୟୂରଭଞ୍ଜ ଜିଲାରେ ଶାସକ ବିଜୁ ଜନତା ଦଳର ଭୁଶୁଡି ପଡ଼ିଥିବା ସଂଗଠନକୁ ସଜାଡ଼ିବା ପାଇଁ ରାଜ୍ୟ ସଂଗଠନ ଗୁରୁତ୍ୱ ଦେଉଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଓ ସହ ପର୍ଯ୍ୟବେକ୍ଷକ ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। ଗୁରୁବାର ବାରିପଦାରେ ଉଦଳା, ବଡ଼ସାହି, ବାଙ୍গିରିପୋଷି, ମୋରଡା ଓ ବାରିପଦା ନିର୍ବାଚନ ମଣ୍ଡଳୀର ଆଗ ଧାଡିର ନେତୃବୃନ୍ଦଙ୍କୁ ନେଇ ବୈଠକ କରିଥିବା ବେଳେ ଶୁକ୍ରବାର ରାଇରଙ୍ଗପୁରଠାରେ ସରସକଣା, ରାଇରଙ୍ଗପୁର, ଯଶିପୁର ଓ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ନେତୃବୃନ୍ଦମାନଙ୍କୁ ନେଇ ବୈଠକ କରିଛନ୍ତି । ବୈଠକ ଦୁଇଟି ରୁଦ୍ଧଦ୍ୱାର ହୋଇଥିବା ବେଳେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ନେତୃବୃନ୍ଦଙ୍କ ବ୍ୟତୀତ ଅନ୍ୟ ନିର୍ବାଚନ ମଣ୍ଡଳୀର ନେତୃବୃନ୍ଦମାନଙ୍କୁ ବାରଣ କରାଯାଇଥିଲା। ହେଲେ ଏହି ବୈଠକରେ ନେତୃବୃନ୍ଦଙ୍କୁ ପରସ୍ପର ମଧ୍ୟରେ ଗୋଷ୍ଠୀ କନ୍ଦଳ ନ କରି ଦଳ ପାଇଁ ତୃଣ ମୂଳସ୍ତରରୁ ସଂଗଠନ କରିବା ଓ ଦଳୀୟ ସାଂଗଠନିକ ନିର୍ବାଚନ ପାଇଁ ବ୍ଲକସ୍ତରୀୟ ନିର୍ବାଚନ ଅଧିକାରୀ ଚୟନ ପାଇଁ ପର୍ଯ୍ୟବେକ୍ଷକ ଆଲୋଚନା କରିଥିବା କୁହାଯାଉଛି। ତେବେ ପର୍ଯ୍ୟବେକ୍ଷକମାନେ ନିଜ କଥା ତଥା ପରାମର୍ଶ ଦେଇ ବୈଠକ ସାରି ଦେଇଥିଲେ। ହେଲେ କର୍ମୀ ଓ ନେତୃବୃନ୍ଦଙ୍କ କଥା ତଥା ଅଭିଯୋଗ ସେମାନେ ଶୁଣି ନ ଥିବାରୁ କର୍ମୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଖୁଣ୍ଟା ଅଞ୍ଚଳର କର୍ମୀ ବିକାଶ ନାୟକ ଗଣମାଧ୍ୟମକୁ କହିଛନ୍ତି ଯେ, ନେତାମାନେ ଭୁବନେଶ୍ୱରରୁ ଆସି ନିଜ ମତାମତ ଓ ନିର୍ଦ୍ଦେଶ ଦେଇ ଚାଲି ଯାଉଛନ୍ତି, ହେଲେ କର୍ମୀମାନଙ୍କ କଥା

**ପରାମର୍ଶ ଦେଇ ଚାଲି ଗଲେ ପର୍ଯ୍ୟବେକ୍ଷକ**

ଶୁଣିବାକୁ କାହା ପାଖରେ ସମୟ ନାହିଁ। ଜିଲା ସଭାପତି ଦେବାଶିଷ ମହାନ୍ତିଙ୍କୁ ଏନେଇ ପଚାରିବାରୁ ସେ କିଛି ମତାମତ ଦେବାକୁ ମନା କରିଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ହୋଇଥିବା ଫଳାଫଳକୁ ପୌର ନିର୍ବାଚନରେ ଦୋହରାଇବା ପାଇଁ ଦଳ ଚାହୁଁନି । କାରଣ ଜିଲାର ୫୬ଟି ଜିଲା ପରିଷଦ ଆସନ ମଧ୍ୟରୁ ବିଜେଡିକୁ ୫ଟି ମିଳିଥିବା ବେଳେ ୯ଟି ବିଧାନସଭା ଆସନ ମଧ୍ୟରୁ ୩ଟି ଆସନରେ ଦଳ ବିଜୟୀ ହୋଇଥିଲା। ଏପରି କି ଲୋକସଭା ଆସନ ମଧ୍ୟ ଦଳର ହାତଛଡା ହୋଇଥିଲା। ଜିଲାରେ ବାରିପଦା, ରାଇରଙ୍ଗପୁର ପୌରପରିଷଦ ଏବଂ ଉଦଳା ଓ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି। ଗତ ପୌର ନିର୍ବାଚନରେ ବାରିପଦା ପୌର ପରିଷଦ ଓ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ବିଜେଡି ଖାତାରେ ଥିବା ବେଳେ ରାଇରଙ୍ଗପୁର ପୌର ପରିଷଦ ଓ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଭାଜପା ଦଖଲ କରିଥିଲା । ଏହି ପରିସ୍ଥିତିରେ ଜିଲାର ଦୁଇ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଦଖଲ କରିବା ପାଇଁ ବିଜେଡି ବ୍ଲୁ ପ୍ରିଣ୍ଟ ଏବେଠୁ ପ୍ରସ୍ତୁତି କରିବା ଆରମ୍ଭ କଲାଣି । ଭୌଗୋଳିକ ଦୃଷ୍ଟିରୁ ମୟୂରଭଞ୍ଜ ଏକ ବୃହତ୍ ଜିଲା ହୋଇ ଥିବାରୁ ଦଳ ଏହି ଜିଲାକୁ ଦୁଇଟି ସାଙ୍ଗଠନିକ ଜିଲାରେ ପରିଣତ କରି ୨ ଜଣ ନେତାଙ୍କୁ ଜିଲା ସଭାପତି ଦାୟିତ୍ୱ ଦେବା ଯୋଜନା କରୁଛି। ପୂର୍ବରୁ ଜଣେ ସଭାପତି ଓ ୨ ଜଣ କାର୍ଯ୍ୟକାରୀ ସଭାପତି ପଦବୀ ରଖି ଦଳ ସାଙ୍ଗଠନିକ କାର୍ଯ୍ୟ କରୁଥିଲା । ହେଲେ ଦଳ ଏଥିରେ ଫେଲ୍ ହେବାରୁ ସାଙ୍ଗଠନିକ ବ୍ୟବସ୍ଥା ପରିବର୍ତ୍ତନ କରିବା ପାଇଁ ଯୋଜନା କରୁଛି ।

## ବିଶୃଙ୍ଖଳା ବରଦାସ୍ତ କରାଯିବନି

ରାଇରଙ୍ଗପୁର,୧୩।୧୨(ଡି.ଏନ୍.ଏ.)



ବୈଠକରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

ସାଂଗଠନିକ ସ୍ଥିତି ସଜାଡିବା ପାଇଁ ରାଇରଙ୍ଗପୁର ସହରାଞ୍ଚଳ ଅନ୍ତର୍ଗତ ପିସିଏମ୍ କଲ୍ୟାଣ ମଣ୍ଡପ ପରିସରରେ ବିଜୁ ଜନତା ଦଳ ପର୍ଯ୍ୟବେକ୍ଷକ ଏବଂ ଆଗଧାଡ଼ି ନେତୃବୃନ୍ଦଙ୍କୁ ନେଇ ଶୁକ୍ରବାର ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା, ରାଜ୍ୟ ନିର୍ବାଚନ ରିଟର୍ଣ୍ଣିଂ ଅଫିସର ବିଧାୟକ ପ୍ରତାପ ଦେବ, ସହ ପର୍ଯ୍ୟବେକ୍ଷକ ତଥା ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଏବଂ ରାଜସ୍ୱ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ଏବଂ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ବିଧାୟକ ରାଜକିଶୋର ଦାସ, ବିଧାୟିକା ବାସନ୍ତୀ ହେମ୍ବ୍ରମ, ରାଇରଙ୍ଗପୁର, ସରସକଣା, ଯଶିପୁର ଏବଂ କରଞ୍ଜିଆ ସମେତ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ନେତୃବୃନ୍ଦଙ୍କ ସହ ପୃଥକ ପୃଥକ ଭାବେ ଆଲୋଚନା କରିଥିଲେ। ଆଗାମୀ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଦାସବର୍ମା ଆଲୋଚନା ମାଧ୍ୟମରେ ଦଳୀୟ କର୍ମୀ ଏବଂ ନେତାଙ୍କ ମଧ୍ୟରେ ଥିବା ଅସନ୍ତୋଷ ଓ ବିଶୃଙ୍ଖଳା ବରଦାସ୍ତ କରାଯିବନି ବୋଲି ଚେତାବନୀ ଦେଇଥିଲେ। ବିଭିନ୍ନ ନିର୍ବାଚନମଣ୍ଡଳୀର ସଂଗଠନ ନିର୍ବାଚନ ସକାଶେ ସହକାରୀ ରିଟର୍ଣ୍ଣିଂ ଅଫିସର ସମ୍ପର୍କରେ ଆଲୋଚନା କରାଯାଇ ଦଳୀୟ ନେତୃବୃନ୍ଦଙ୍କୁ ସହକାରୀ ରିଟର୍ଣ୍ଣିଂ ଅଫିସରଙ୍କ ନାମ ପ୍ରସ୍ତାବ ଦେଇଥିଲେ। ବୈଠକରେ ଜିଲା ସଭାପତି ଦେବାଶିଷ ମହାନ୍ତି, ଡଃ ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା ଏବଂ ମଙ୍ଗଲ ସିଂହ ମୋଦି, ସାଇବା ସୁଶିଲ କୁମାର ହାଁସଦାଙ୍କ ସମେତ ବହୁ ନେତା ଯୋଗଦେଇଥିଲେ।

## ଭାଜପାର ସାଙ୍ଗଠନିକ ନିର୍ବାଚନ

ଠାକୁରମୁଣ୍ଡା,୧୩।୧୨(ଡି.ଏନ୍.ଏ.)

କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫ଟି ମଣ୍ଡଳରେ ଭାଜପାର ସାଂଗଠନିକ ନିର୍ବାଚନ ଶେଷ ହୋଇଛି। ନୂତନ ଭାବରେ ନିର୍ବାଚନ ହୋଇଥିବା ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧିମାନଙ୍କ ନାମ ଘୋଷଣା କରାଯାଇଛି। କରଞ୍ଜିଆ ନଗର ମଣ୍ଡଳ ସଭାପତି ଭାବେ ରୋହିତ କୁମାର ପୃଷ୍ଟି, ଜିଲା ପ୍ରତିନିଧି ବିପ୍ଲବ ଶଙ୍ଖୁଆଳ,କରଞ୍ଜିଆ ଗ୍ରାମୀଣ ମଣ୍ଡଳ ସଭାପତି ଦେବେନ୍ଦ୍ର ନାଥ ମହାନ୍ତ, ଜିଲା ପ୍ରତିନିଧି ମଦନ ମହାନ୍ତ, ଟାଟୋ ମଣ୍ଡଳ ସଭାପତି ସଞ୍ଜୀବ କୁମାର ପାଣିଗ୍ରାହୀ, ଜିଲା ପ୍ରତିନିଧି ଅରୂପ କୁମାର ମହାନ୍ତ, ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା, ଜିଲା ପ୍ରତିନିଧି ସହିରାମ ମହାନ୍ତ, ମହୁଲଡ଼ିହା ମଣ୍ଡଳ ସଭାପତି ଜଗଦୀଶ ମହାନ୍ତ ଓ ଜିଲା ପ୍ରତିନିଧି ଭାବେ ରଞ୍ଜନ ମହାନ୍ତ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ ସଭାପତି ଓ ଜିଲା ପ୍ରତିନିଧିମାନଙ୍କୁ ଗୁରବାର ରାଇରଙ୍ଗପୁରଠାରେ ରାଜ୍ୟ ଭାଜପା ପ୍ରବକ୍ତା ଗୋଲକ ବିହାରୀ ମହାପାତ୍ର ଓ ଜିଲା ସହ ନିର୍ବାଚନ ଅଧିକାରୀ ଜଗନ୍ନାଥ ଦାସ ଉତ୍ତରୀୟ ସହ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ଜିଲା ସଭାପତି ନବୀନ କୁମାର ରାମ, ଯଶିପୁର ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ, ସାରସକଣା ବିଧାୟକ ବୁଢାନ ମୁର୍ମୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ଜିଲା ପରିଷଦ ଉପାଧକ୍ଷ ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଲେଜ ସମସ୍ୟା ନେଇ ଦାବିପତ୍ର

କପ୍ତିପଦା,୧୩।୧୨(ଡି.ଏନ୍.ଏ.) : କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ୍ ଶରତ ଗସ୍ତରେ ଆସି ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି । ଏହି ଅବସରରେ ବିଧାୟିକା ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କ ସହିତ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଜଙ୍ଗଲ ପାହାଡ଼ଘେରା ଶରତ ଭଳି ଅଞ୍ଚଳରେ ଶୈକ୍ଷିକ ପରିବେଶ ତଥା ଛାତ୍ରୀଛାତ୍ରଙ୍କ ଶୃଙ୍ଖଳାକୁ ବିଧାୟିକା ପ୍ରଶଂସା କରିବା ସହିତ ମହାବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ଛାତ୍ରୀଛାତ୍ର ଏବଂ ଅଧକ୍ଷ ଭଗବାନ ପଣ୍ଡାଙ୍କଠାରୁ ଅବଗତ ହୋଇଥିଲେ। ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଶ୍ରେଣୀ ଗୃହ, ପାଠାଗାର, ଛାତ୍ରୀମାନଙ୍କ ପାଇଁ ଶୌଚାଳୟ କମ୍ପ୍ଲେକ୍ସ, ଛାତ୍ରୀ ନିବାସର ଭୋଜନାଳୟ, ରୋଷେଇ ଘର ସମ୍ପର୍କରେ ବିଧାୟିକାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହା ବ୍ୟତୀତ ମହାବିଦ୍ୟାଳୟର ରୌପ୍ୟଜୟନ୍ତୀ ସମାରୋହ ନିମନ୍ତେ ପୁରାତନ ଛାତ୍ରୀଛାତ୍ରମାନଙ୍କ ସହିତ ବିଧାୟିକା ଆଲୋଚନା କରିଥିଲେ। ଆସନ୍ତା ୧୫ ତାରିଖରେ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ମହାବିଦ୍ୟାଳୟରୁ ସୂତ୍ରରୁ ପ୍ରକାଶ।

### ଦେଶୀ ମଦ ଜବତ

ରାଇରଙ୍ଗପୁର,୧୩।୧୨(ଡି.ଏନ୍.ଏ.): ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ଶୁକ୍ରବାର ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପିଠାକୁଟୁଣୀ ଗ୍ରାମ ନିକଟବର୍ତ୍ତୀ ବିଲ ଏବଂ ପୋଖରୀ ପାର୍ଶ୍ୱରେ ଚଢାଉ କରି ୫୦ ଲିଟର ଦେଶୀ ମଦ ଜବତ କରିଛି। ଗିରଫ ଭୟରେ ବ୍ୟବସାୟୀମାନେ ଫେରାର ହୋଇଯାଇଥିବା ପୋଲିସ କହିଛି। ରାଇରଙ୍ଗପୁର ପୋଲିସ ସର୍କଲ ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ଅବକାରୀ ସବ୍‌ଇନ୍ସପେକ୍ଟର ହରିହର ସିଂ ଏବଂ ଏଏସ୍‌ଆଇ ସିଦ୍ଧେଶ୍ୱର ନାୟକଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଚଢାଉରେ ସାମିଲ୍ ଥିଲେ।

### ନୂଆ ଥାନାଧିକାରୀଙ୍କ ଯୋଗଦାନ

ବଡ଼ସାହି,୧୩।୧୨(ସ୍ୱ.ପ୍ର): ବଡ଼ସାହି ଥାନାରେ ଖାଲି ପଡ଼ିଥିବା ଥାନାଧିକାରୀ ପଦବୀରେ ଆଇଆଇସି ଜୟନ୍ତ କୁମାର ବେହେରା ଶୁକ୍ରବାର ଯୋଗଦାନ କରିଛନ୍ତି। ୨୦୦୨ରେ ସେ ଏହି ଥାନାରେ ଓଆଇସି ଭାବେ କାର୍ଯ୍ୟଭାର ସମ୍ଭାଳିଥିବା ବେଳେ ପୁନର୍ବାର ସେ ଆଇଆଇସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଛନ୍ତି । ଥାନା ଅଞ୍ଚଳରେ ହେଉଥିବା ବେଆଇନ ମଦ କାରବାର, ଲଘୁ ଖଣିଜ ଚୋରି, ଜୁଆ ଖେଳ ଓ ଛିନତାଇ ଭଳି ଅପରାଧକୁ ରୋକିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଅଞ୍ଚଳବାସୀ ଆଶା ପୋଷଣ କରିଛନ୍ତି।

### ଜାନୁୟାରୀ ୨୦ରେ ଦାମୋଦର ମେଳା

କପ୍ତିପଦା,୧୩।୧୨(ଡି.ଏନ୍.ଏ.): କପ୍ତିପଦା କମାରାଂବୁରୁ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ଜାନୁୟାରୀ ୨୦ ତାରିଖରେ ହେବାକୁ ଥିବା ଅସ୍ଥି ବିସର୍ଜନ ଓ ଦାମୋଦର ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋମନାଥ ଟୁଡୁ ଅଧକ୍ଷତା କରିଥିଲେ । ଅସ୍ଥି ବିସର୍ଜନ ଓ ମାରାଂବୁରୁ ଦର୍ଶନ କିପରି ସମସ୍ତ ଶ୍ରଦ୍ଧାଳୁ ଠିକ୍ ଭାବେ କରି ପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ସଦସ୍ୟ ରାମ ସିଂ ମୁର୍ମୁ ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧକ୍ଷ ଦେବାଶିଷ ମୁର୍ମୁ ବାର୍ଷିକ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ । ଭାଗିରଥୀ ଟୁଡୁ, ଦଶରଥ ସୋରେନ, ବସନ୍ତ ସୋରେନ, ଲାଲମୋହନ ମାଝୀ ଓ ବିଜୁ ହେମ୍ବ୍ରମ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ବାରିପଦା, ଉଦଳା, କପ୍ତିପଦା, ନୀଳଗିରି, ଶରତ, ଆନନ୍ଦପୁର ଓ ଠାକୁରମୁଣ୍ଡା ଅଞ୍ଚଳର ସମସ୍ତ ମାଝୀ ପାର୍ଗାନମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ରମେଶ ଚନ୍ଦ୍ର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

କୁଆମରା,୧୩।୧୨(ଡି.ଏନ୍.ଏ.)

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆମରା ଗ୍ରାମରେ ୨ ମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ହୋଇଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ୭ ବର୍ଷ ତଳେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବୋରିଂ ଖୋଳା ଯାଇଥିଲା। ଏହା ଉପରେ ଡାକ୍ତରଖାନା, ସ୍କୁଲ, ବଜାର ସମେତ ଗ୍ରାମର ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭରଶୀଳ ଥିଲେ। ଗ୍ରାମର ବିଭିନ୍ନ ଦିଗରେ ପାଇପ ବିଛାଇ ପାଣି ଯୋଗାଣ ହେଉଥିଲା। ଏଥି ନିମନ୍ତେ ବିଭିନ୍ନ ସ୍ଥାନରେ ୩୫ରୁ ଉର୍ଦ୍ଧ୍ୱ ଟ୍ୟାପ ଲଗାଯାଇଥିଲା। ମାତ୍ର ବିଛା ଯାଇଥିବା ପାଇପ କ୍ରମେ ଦୁର୍ବଳ ହୋଇ ବିଭିନ୍ନ ସ୍ଥାନରେ ଫାଟି ଯାଇଥିଲା। ଫଳରେ ଗାଁ ଗଣ୍ଡାର ବିଭିନ୍ନ ସ୍ଥାନରେ ପାଇପରୁ ପାଣି ଲିକ୍ ହୋଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଲଗାଯାଇଥିବା ଟ୍ୟାପଗୁଡିକ କେଉଁଠି ଅଚଳ ହୋଇଗଲା ତ କେଉଁଠି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଖସି ପଡ଼ିଲା। ଏନେଇ ଅଭିଯୋଗ କରାଯାଇଥିବା ସତ୍ତ୍ୱେ ମରାମତି ଦିଗରେ ଗୁରୁତ୍ୱ ଦିଆଗଲା ନାହିଁ। ପାଇପ ଫାଟିବା ଯୋଗୁଁ ଲୋକମାନଙ୍କୁ କିଛି ଦିନ ଗୋଳିଆ ପାଣି ମଧ୍ୟ ପିଇବାକୁ ପଡ଼ିଥିଲା। ଏହାଛଡା କେତେକ ବ୍ୟକ୍ତି ପଞ୍ଚାୟତର ବିନା ଅନୁମତିରେ ନିଜ ନିଜ ଘରକୁ ପାଇପ କନେକସନ କରି ପାଣି ନେଉଥିଲେ ମଧ୍ୟ ତାହା ପ୍ରତି କଟକଣା ରହିଲା ନାହିଁ। ଏବେ ୨ ମାସ ହେଲା ଗାଁ କୁ ପାନୀୟ ଜଳ ଯୋଗାଣ ଠପ ହୋଇ ପଡିଛି। ଅନ୍ୟପକ୍ଷେ ଯତ୍ନ ଅଭାବରୁ ନଳକୂପ ଗୁଡ଼ିକ ଅଦରକାରୀ ହୋଇ ପଡିଛି। ତେବେ ଏନେଇ ପଞ୍ଚାୟତ ପକ୍ଷରୁ ୨/୩ ଥର ବୈଠକ ଡକାଯାଇଥିଲେ ମଧ୍ୟ ସମାଧାନର ରାସ୍ତା ବାହାରି ପାରି ନାହିଁ। ଲୋକେ ଶୁଦ୍ଧ ପାନୀୟ ଜଳ ପାଉ ନ ଥିବାରୁ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଛି। ଏ ନେଇ ସରପଞ୍ଚ ସସ୍ମିତା ନାଏକଙ୍କୁ ପଚାରିବାରୁ ନୂଆ ପାଇପ ସହ ଟ୍ୟାପ ଗୁଡିକ ଲଗାଯିବା ପାଇଁ ବ୍ୟବସ୍ଥା ଚାଲିଛି। ଖୁବ ଶୀଘ୍ର କାର୍ଯ୍ୟ ସରିବ ଓ ଲୋକେ ପୂର୍ବ ଭଳି ପାଇପ ପାଣି ପାଇପାରିବେ ବୋଲି କହିଛନ୍ତି।



ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ।

## ଅଧ୍ୟାପିକା ଆତ୍ମହତ୍ୟା ମାମଲା: ନଣନ୍ଦ, ଭାଉଜ ଗିରଫ

ରାଇରଙ୍ଗପୁର,୧୩।୧୨(ଡି.ଏନ୍.ଏ.)

ରାଇରଙ୍ଗପୁର ଅଞ୍ଚଳର ଏକ କଲେଜର ଜନୈକା ବଳାତ୍କାର ପୀଡ଼ିତା ଅଧ୍ୟାପିକା ପୋଲିସଠାରୁ ନ୍ୟାୟ ନ ପାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରାଇରଙ୍ଗପୁର ଟାଉନ ପୋଲିସ ମୃତ ଅଧ୍ୟାପିକାଙ୍କ ସମ୍ପର୍କୀୟ ଭାଉଜ ମିନମୟୀ ସାହୁ ଏବଂ ନଣଦ ଶୈଳବାଳା ସାହୁଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଉଭୟଙ୍କୁ ଝାରପୋଖରିଆ ଥାନା ଅନ୍ତର୍ଗତ ପାନ୍ଧଡ଼ା ଗ୍ରାମରୁ ପୋଲିସ ଗିରଫ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୫୪/୧୯) ରୁଜୁ କରି ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ସୌମ୍ୟରଞ୍ଜନ ସାହୁଙ୍କ ସମେତ ୨ ଜଣଙ୍କୁ ଗିରଫ କରିଥିଲା।

## ଶିଶୁଙ୍କ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ବାରିପଦା ଅଫିସ,୧୩।୧୨

ସମଗ୍ର ଦେଶରେ ଶିଶୁ ତଥା ମହିଳା ମାନଙ୍କ ଉପରେ ଅତ୍ୟାଚାର ହେଉଥିବା ବେଳେ ଏହି ଅତ୍ୟାଚାରକୁ ରୋକିବା ଦିଗରେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି। ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଏହି ଆହ୍ୱାନ ଦେଇଛନ୍ତି। ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷା ଆଇନ-୨୦୧୨ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲା ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଶିଶୁ ତଥା ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଘଟଣାକୁ ଗୁରୁତ୍ୱ ଭାବେ ଗ୍ରହଣ କରି ସେମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ପୋଲିସ ବିଭାଗ ସବୁବେଳେ ତତ୍ପର ରହିଛି ବୋଲି କହିଥିଲେ ।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସ୍ୱଧା ଦେବ ସିଂ ଉପସ୍ଥିତ ରହି ମହିଳା ଓ ଶିଶୁମାନଙ୍କ ଉପରେ ଘଟୁଥିବା ଅତ୍ୟାଚାରକୁ ସମାଜରୁ କିପରି ଦୂରେଇ ହେବ ସେନେଇ ତୃଣମୂଳସ୍ତରରୁ ସଚେତନତା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସ୍ମୃତି ରଞ୍ଜନ ମହାପାତ୍ର, ଆଡ଼ିସନାଲ ଏସ୍‌ପି ଅଭିମନ୍ୟୁ ନାୟକ, ଶିଶୁ ମଙ୍ଗଳ ସମିତି ଅଧକ୍ଷା କୃଷ୍ଣକଳ୍ପନା ମହାନ୍ତି, ଉଦଳା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା.ଶିବାନନ୍ଦ ମହାନ୍ତି, ଆସିଷ୍ଟାଣ୍ଟ ପ୍ରଫେସର ଡ଼ା. ଅବନୀତା ସେଠୀ, ଜିଲା ଶ୍ରମ ଅଧିକାରୀ ମୋନାଲିସା ନାୟକ, ପ୍ରୋଗ୍ରାମ ଅଧିକାରୀ ସଂଯୁକ୍ତା ମାଝୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ନିଜ ନିଜ ମତ ରଖିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଶ୍ୱାଳ ନିଜ ମତ ରଖି ଉପରୋକ୍ତ ଆଇନ ପରିସର ଭୁକ୍ତ ସମସ୍ତ ଶିଶୁଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ଦିଗରେ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଖୁଣ୍ଟା,୧୩।୧୨(ଡି.ଏନ୍.ଏ.)

ଖୁଣ୍ଟା ବ୍ଲକ ଅଧୀନ ଧାନଘେରା ସରକାରୀ ଉଚ୍ଚ ବିଦ୍ୟାଳୟର ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସନ୍ତୋଷ କୁମାର ପାତ୍ର ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୨ଟି ବିଭାଗ କରାଯାଇ ବିଭିନ୍ନ ପ୍ରକାର ଖେଳ ଓ ଜ୍ଞାନ ଭିତ୍ତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୁନିୟର ବିଭାଗରେ ଛାତ୍ର କାଳିଚରଣ ମାର୍ଣ୍ଡି ଓ ଛାତ୍ରୀ ଅନ୍ୟନ୍ୟା ବାରିକ ଓ ସିନିୟର ବିଭାଗରେ ଛାତ୍ର ଦାଶରଥି ହେମ୍ବ୍ରମ ଓ ଛାତ୍ରୀ ବାସନ୍ତୀ ହେମ୍ବ୍ରମ ଚାମ୍ପିୟନ ହୋଇଥିଲେ। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କ୍ରୀଡ଼ାବିତ ଅମୀୟ କୁମାର ଭୋଳ ଯୋଗଦେଇଥିଲେ। ଶିକ୍ଷକ ବ୍ରଜ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

■ବର୍ଷେ ପୂରିଲା ମିଳିଲାନି ସହାୟତା

## ଜିଲାପାଳଙ୍କୁ ଭେଟିଲେ ଅଗ୍ନି ବିପନ୍ନ ପରିବାର

କୁଆମରା,୧୩।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ସାଇଁକୁଳା ଗ୍ରାମର ଶ୍ରୀକଣ୍ଠ ସାହୁଙ୍କ ଘରେ ଗତ ୨୦୧୮ ନଭେମ୍ବର ମାସରେ ଭୟାବହ ଅଗ୍ନିକାଣ୍ଡ ଘଟି ୫ ଲକ୍ଷ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ଅଗ୍ନିକାଣ୍ଡର ବର୍ଷକ ପରେ ମଧ୍ୟ ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରକୁ ସରକାରୀ ସହାୟତା ମିଳିପାରି ନାହିଁ। ଏନେଇ ଶ୍ରୀକଣ୍ଠ ଜିଲାପାଳଙ୍କୁ ଭେଟି ସହାୟତା ପାଇଁ ନିବେଦନ କରିଛନ୍ତି।

ଅଗ୍ନିକାଣ୍ଡ ବିଳମ୍ବିତ ରାତିରେ ଘଟିଥିଲା। ଫଳରେ ଘର ଭିତରୁ କୌଣସି ଜିନିଷ ଉଦ୍ଧାର ହୋଇ ପାରି ନ ଥିଲା। ସମସ୍ତ ଆସବାବପତ୍ର, ଟେଣ୍ଟହାଉସ ସାମଗ୍ରୀ, ଚାରିଚକିଆ ଯାନ ଓ ବାଇକ ପୋଡ଼ି ପାଉଁଶ ହୋଇ ଯାଇଥିଲା। ସହାୟତା ପାଇଁ ବର୍ଷେ ହେଲା ଶ୍ରୀକଣ୍ଠଙ୍କ ପରିବାର ଆରଆଇ କାର୍ଯ୍ୟାଳୟରୁ ତହସିଲ ଅଫିସକୁ ଧାଇଁଧାଇଁ ନୟାନ୍ତ ହୋଇ ପଡିଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଖଣ୍ଡିଏ ପଲିଥିନ ମଧ୍ୟ ମିଳି ନ ଥିବା ବିପନ୍ନ ପରିବାର ଲୋକେ ଅଭିଯୋଗ କରିଛନ୍ତି। ୨ ଦିନ ତଳେ ସେ ସହାୟତା ଆଶାରେ ତହସିଲଦାରଙ୍କୁ ଭେଟିଥିଲେ। ତେବେ ତାଙ୍କୁ କୌଣସି ସହାୟତା ମିଳିପାରିବ ନାହିଁ ବୋଲି ତହସିଲ କର୍ତ୍ତୃପକ୍ଷ ରୋକଠୋକ୍ ମନା କରି ଦେଇଥିଲେ। ତହସିଲରୁ ନିରାଶ ହୋଇ ଶ୍ରୀକଣ୍ଠ ସହାୟତା ପାଇଁ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇଛନ୍ତି। ତେବେ ପ୍ରାକୃତିକ ବିପର୍ଯ୍ୟୟରେ ସରକାରୀ ସହାୟତା ଖୁବ ଶୀଘ୍ର ମିଳିବ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ କେଉଁ କାରଣରୁ ଏକ ବିପନ୍ନ ପରିବାର ସହାୟତାରୁ ବଞ୍ଚିତ ହୋଇଛନ୍ତି ତାହା ବୁଝାପଡୁ ନାହିଁ।

## ବାଘଡ଼ାରେ ‘ଶ୍ରୀ’ଉତ୍ସବ

କୋଷ୍ଟା,୧୩।୧୨(ଡି.ଏନ୍.ଏ.)

ସାମାଜିକ ଅସ୍ପୃଶ୍ୟତା ତଥା ଅପସଂସ୍କୃତିକୁ ଦୂର କରିବା ପାଇଁ ଶୁଳିଆପଦା ବ୍ଲକ ଅଧୀନ ବାଘଡା ଗଜଲକ୍ଷ୍ମୀ ପୂଜା କମିଟି ସହଯୋଗରେ ‘ଶ୍ରୀ’ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟଲୋଚନ ଦାଶଙ୍କ ନେତୃତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାଣବସା ଗୁରୁବାର ଅବସରରେ ଅଞ୍ଚଳର ୧୦୧ ଜଣ ଗୃହିଣୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ବ୍ରତୀମାନଙ୍କୁ ନୂତନ ବସ୍ତ୍ର ଯୋଗାଇ ଦିଆଯାଇଥିଲା। ଲକ୍ଷ୍ମୀପୂରାଣ ପାଠ ସହ ପୂଜାର୍ଚ୍ଚନା କରାଯାଇଥିଲା। ଦିନତମାମ ଅଖଣ୍ଡ ହରିନାମ ସଂକୀର୍ତ୍ତନ ଚାଲିଥିଲା। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥିଭାବେ ମୋରଡା ବିଧାୟକ ରାଜକିଶୋର ଦାଶ ଓ ତାଙ୍କ ସହଧର୍ମିଣୀ ପ୍ରତିନନ୍ଦା କାନୁନଗୋ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୫୩ନଂ. ଜୋନ ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, ୫୪ ନଂ. ଜୋନର ମୀରା ଧୀର, ସ୍ଥାନୀୟ ସରପଞ୍ଚ ରଶ୍ମୀତା ସିଂ, ଶୁଳିଆପଦା ଥାନା ଭାରପ୍ରାପ୍ତ ଅଧିକାରୀ ଜି.ସି. କର୍ଣ୍ଣ, ଗଜଲକ୍ଷ୍ମୀ ପୂଜା କମିଟିର ସଦସ୍ୟ ସନ୍ତୋଷ କୁମାର ଧଳ, ନାରାୟଣ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇ ଏହା ଏକ ନିଆରା ପରମ୍ପରା ବୋଲି କହିଥିଲେ । ଲକ୍ଷ୍ମୀ ପୂଜା ପାଇଁ ଆସିଥିବା ମହିଳାମାନଙ୍କ ମଧ୍ୟରେ ଝୋଟି ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବାଘଡା ଗଜଲକ୍ଷ୍ମୀ ପୂଜା କମିଟିର ମୃତ୍ୟୁଞ୍ଜୟ ମିଶ୍ର, ରଣଜିତ ଧୀର, ଦୁଃଶାସନ ଧଳ, ଦିଲ୍ଲୀପ ପରିଡ଼ା, ଦିଲ୍ଲୀପ ମହାନ୍ତି, ଅଜିତ ପଟ୍ଟନାୟକ, ସମରଜୀତ ଧଳ, ଗୁଣନିଧି ରଣା ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ ।

## ରାସଗୋବିନ୍ଦପୁରରେ ଥମୁନି ହାତୀ ଉପଦ୍ରବ

ରାସଗୋବିନ୍ଦପୁର,୧୩।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅଞ୍ଚଳରେ ଏବେ ଧାନ ଅମଳ ଚାଲିଥିବା ବେଳେ ଝାଡଖଣ୍ଡରୁ ଆସିଥିବା ଶତାଧିକ ହାତୀ ଉପଦ୍ରବ ଚଳାଇଛନ୍ତି। ଏହି ହାତୀପଲ ସାରୁମଳା, ନାକିଚୁଆ, ଅମରଦା, ନଳଗଜା, ଭୋଦୁଆଶୋଳ ପ୍ରଭୃତି ପଞ୍ଚାୟତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ହାତୀପଲରେ ଅଧିକାଂଶ ଛୋଟଛୋଟ ହାତୀ ଥିବାରୁ ସେମାନଙ୍କୁ ଘଉଡାଇବାରେ ବନବିଭାଗ କର୍ତ୍ତୃପକ୍ଷଙ୍କୁ ନାକେଦମ ହେବାକୁ ପଡୁଛି। ସ୍ଥାନୀୟ ଜଙ୍ଗଲରେ ଦିନତମାମ ହାତୀ ପଲ ରହୁଥିବା ବେଳେ ଅପରାହ୍ନରେ ଚାଷଜମି ଏବଂ ଗ୍ରାମଭିମୁଖୀ ହେଉଥିବା ଦେଖିବାକୁ ମିଳିଛି। ଗୁରୁବାର ରାତିରେ ୨୫ରୁ ଉର୍ଦ୍ଧ୍ୱ ହାତୀ ସାରୁମଳା ଗ୍ରାମରେ ପ୍ରବେଶ କରି ଦୁଲିମୁର୍ମୁ ଓ କ୍ଷେତ୍ରମୋହନ ମୁର୍ମୁଙ୍କ ଘର ଭାଙ୍ଗିବା ସହିତ ଖଳାରେ ଥିବା ଧାନ ଖାଇ ନଷ୍ଟ କରିଦେଇଛନ୍ତି। ସେହିପରି ବେତନଟୀ ଥାନା ଅନ୍ତର୍ଗତ ଭାଲିଆ ଗ୍ରାମର ସୁବୋଧ ମହାନ୍ତ ଅପରାହ୍ନରେ ବସ୍ତା-ଖୁଣ୍ଟା ମୁଖ୍ୟ ରାସ୍ତାରେ ଆସୁଥିବା ବେଳେ ବେତନାସିଆ ମୁଖ୍ୟରାସ୍ତା ଉପରେ ହାତୀ ହାବୁଡରେ ପଡ଼ିଯାଇଥିଲେ। ଜୀବନ ବିକଳରେ ବାଇକ୍ ଛାଡି ସେଠାରୁ ସେ ଦୌଡି ପଳାଇଥିଲେ। ହାତୀପଲରେ ଥିବା ଏକ ଦନ୍ତା ତାଙ୍କ ବାଇକ୍‌କୁ କଚାଡି ଭାଙ୍ଗିରୁଜି ଦେଇଥିଲା। ଫଳରେ ସନ୍ଧ୍ୟା ସମୟରେ ଉକ୍ତ ରାସ୍ତାରେ ଯାତାୟତ କରିବାକୁ ଲୋକେ ଭୟ କରୁଛନ୍ତି। ସେହିପରି ହାତୀପଲ ବିଲରେ ପଶି ଧାନନଷ୍ଟ କରୁଥିବା ବେଳେ ଭୋଦୁଆଶୋଳ ଗ୍ରାମବାସୀ ହାତୀ ଘଉଡାଇବାକୁ ବନବିଭାଗକୁ ନିବେଦନ କରିଥିଲେ। ବନବିଭାଗ କର୍ତ୍ତୃପକ୍ଷ ମଶାଲ ଜାଳି ହାତୀ ଘଉଡାଇବାକୁ ଯାଉଥିବା ବେଳେ ନିଆଁ ଲାଗି ଧାନକ୍ଷେତ ଜଳିଯିବାରୁ ବନବିଭାଗ ଓ ସାଧାରଣ ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। ଦୀର୍ଘବର୍ଷ ଧରି ଏହି ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ସ୍ଥାୟୀ ପ୍ରତିକାର ଦିଗରେ ସରକାର ଗୁରୁତ୍ୱ ଦେଉ ନ ଥିବାରୁ ହାତୀ ସମସ୍ୟା ଏବେ ମୁଖ୍ୟସମସ୍ୟା ଭାବେ ମୁଣ୍ଡ ଟେକିଛି।

**■୨୫ରୁ ଉର୍ଦ୍ଧ୍ୱ ହାତୀଙ୍କ ଉତ୍ପାତ**

**■ ଘଉଡାଇବାରେ ବନବିଭାଗ ନାକେଦମ୍**

# ବାଲିମାଫିଆ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ

ଭଣ୍ଡାରିପୋଖରୀ,୧୩।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ପଞ୍ଚାୟତ ମଣିନାଥପୁରସ୍ଥିତ ବୈତରଣୀ ନଦୀ ଘାଟରୁ ନିୟମିତ ବାଲି ଚୋରା ଚାଲାଣ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମଣିନାଥପୁର ଗ୍ରାମର କେତେଜଣ ବାଲିମାଫିଆ ଏକ ହାଇୱାକୁ ପ୍ରରୋଚିତ କରି ବାଲି ଚୋରା ଚାଲାଣ କରିବାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଗଣ୍ଡଗୋଳରେ ଦୁଇ ପକ୍ଷରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁଇଜଣ ଯାଜପୁର ଜିଲା ଚିକିତ୍ସାଳୟ ଓ ଅନ୍ୟ ଜଣେ ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ମୁଢ଼ାପଦା ଗ୍ରାମକୁ ଯାଉଥିବା ଏକ ହାଇୱାକୁ ମଣିନାଥପୁରସ୍ଥିତ ବୈତରଣୀ ନଦୀ ବଲ୍ଲଭୀଘାଟ

## ଯୁବକଙ୍କ ମୁଣ୍ଡ ଜାମିନ

ସେତୁ ଉପରେ ସ୍ଥାନୀୟ କେତେକ ଯୁବକ ଅଟକାଇଥିଲେ। ମୁଢ଼ାପଦାର ଯୁବକମାନେ ଏହାର ପ୍ରତିବାଦ କରିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ମଣିନାଥପୁରର କେତେଜଣ ବାଲିମାଫିଆ ମୁଢ଼ାପଦାର ଜଣେ ଯୁବକଙ୍କୁ ନେଇ ମୁଣ୍ଡ ଜାମିନ ରଖିଛନ୍ତି। ଏହାକୁ କେନ୍ଦ୍ରକରି ମୁଢ଼ାପଦା ଗ୍ରାମ ନିକଟରେ ଗୋଷ୍ଠୀସଂଘର୍ଷ ହୋଇଛି। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ତେବେ ଖବର ପାଇ ଭଣ୍ଡାରିପୋଖରୀ ଥାନା ପୋଲିସ ଦୁଇ ଗାଁକୁ ଯାଇ ତଦନ୍ତ କରିବା ସହ ଯାଜପୁର ମେଡିକାଲରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିଥିବା ସୂଚନା ମିଳିଛି।







